## ଚାରା ଲଗାଇବା ପ୍ରଣାଳୀ:

ଗଛରୁ ଗଛ ୪୫ ସେ.ମି. ଓ ଧାଡ଼ି ରୁ ଧାଡ଼ି ୬୦ ସେ.ମି. ବ୍ୟବଧାନ ରଖି ଚାରା ରୋପଣ କରନ୍ତୁ। ବର୍ଷା ଦିନେ ୯ ଇଞ୍ଚର ହୁଡ଼ା କରି ନାଳୀ ପ୍ରଣାଳୀରେ ଚାରା ରୋପଣ କରାଯାଏ। ଫଳତଃ ପାଣି ଜମାହୋଇ ରହେନାହିଁ। ମାତ୍ର ଖରା ଦିନେ ୬ ଇଞ୍ଚର ହୁଡ଼ା କରି ନାଳୀ ପ୍ରଣାଳୀରେ ଚାରା ରୋପଣ କରାଯାଏ।


## ଖାଦ୍ୟ ସାର:

ହେକ୍ଟର ପିଛା ଯବକ୍ଷାରଜାନ: ୧୫୦ କିଗ୍ରା, ଫସ୍‌ଫରସ୍: ୧୪୦ କିଗ୍ରା, ପଟାସ୍: ୨୦୦ କିଗ୍ରା ଆବଶ୍ୟକ। ବୋରନ: ୧ ଗ୍ରାମ୍ ପ୍ରତି ଏକ ଲିଟର ପାଣି ବା ୨୦ ଗ୍ରାମ୍ ପ୍ରତି ଗଛ ପତ୍ର ସିଞ୍ଚନ କରନ୍ତୁ। କ୍ୟାଲ୍‌ସିୟମ: ୦.୫ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ ଓ ମିଶ୍ରିତ ଅଣୁସାର: ୧୦ କେ.ଜି. ପ୍ରତି ହେକ୍ଟର ପ୍ରୟୋଗ କରାଯାଏ।

## ଫୁଲକୋବି ସହିତ ଅନ୍ତଃଫସଲ:

- ଫୁଲକୋବି + ମୂଳା
- ଫୁଲକୋବି + ଗେଣ୍ଡୁ ଫୁଲ
- ଫୁଲକୋବି + ପିଆଜ
- ଫୁଲକୋବି + ଧନିଆ
- ଫୁଲକୋବି + କଳା ଜିରା
- ଫୁଲକୋବି + ଲଙ୍କା







## ଜଳସେଚନ :

ଅଦିନିଆ ଫୁଲକୋବି ପ୍ରତିରୋପଣ ପରେ ସଙ୍ଗେସଙ୍ଗେ ଜଳସେଚନ କରାଯାଏ। ଏହି ଚାଷ ପାଇଁ ନିୟମିତ ଜଳସେଚନ ଆବଶ୍ୟକ ହୋଇଥାଏ। ସିଞ୍ଚନ ପ୍ରଣାଳୀରେ ଜଳସେଚନ ଏକ ଉତ୍ତମ ପଦ୍ଧତି। ମୃତ୍ତିକା ଓ ଜଳବାୟୁକୁ ନିରୀକ୍ଷଣ କରି ଜଳସେଚନର ବ୍ୟବଧାନ ନିର୍ଦ୍ଧାରଣ କରାଯାଏ।

## ଅମଳ:


ଅଦିନିଆ ଫୁଲକୋବି ଉତ୍ପାଦନ କିସମ ଉପରେ ନିର୍ଭର କରେ। ସହଳ କିସମ : ୭୫ ରୁ ୧୨୫ କ୍ୱିଣ୍ଟାଲ୍/ ହେକ୍ଟର ଅମଳ ମିଳୁଥିବା ବେଳେ ମଧ୍ୟମ କିସମ : ୧୫୦ ରୁ ୨୫୦ କ୍ୱିଣ୍ଟାଲ୍/ ହେକ୍ଟର ଏବଂ ବିଳମ୍ବ କିସମ : ୧୬୦ ରୁ ୨୦୦ କ୍ୱିଣ୍ଟାଲ୍/ ହେକ୍ଟର ଅମଳ ଦେଇଥାଏ।






OUAT Publication
No. 2024120398
Printed at: ankitagraphics, BBSR, 9437077337


# ଆର୍ଥିକ ଅଭିବୃଦ୍ଧି ପାଇଁ ଅଦିନିଆ ଫୁଲକୋବି ଚାଷ




**ଆଲେଖ୍ୟ:**
ଡ. ସିଦ୍ଧାର୍ଥ କର
ବୈଜ୍ଞାନିକ (ଉଦ୍ୟାନ କୃଷି)

**ସଂପାଦନା:**
ଡ. ଦେବୀପ୍ରସାଦ ଦାଶ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

## ଅଦିନିଆ ଫୁଲକୋବି ଚାଷ

ଜିଲ୍ଲାର କ୍ଷୁଦ୍ର, ନାମମାତ୍ର ତଥା ଅଗ୍ରଣୀ କୃଷକମାନଙ୍କ ପାଖରେ କମ୍ ପରିମାଣର ଚାଷ ଜମି ଥିବା ହେତୁ ଅଦିନିଆ ଫୁଲକୋବି ଚାଷ କରି ଲାଭବାନ୍ ହୋଇପାରିବେ ଏବଂ ସ୍ୱଳ୍ପ ଜଳ ଓ କୃଷିରେ ହେଉଥିବା ଖର୍ଚ୍ଚକୁ କମାଇ ପାରୁଥିବା ବୈଜ୍ଞାନିକ କୌଶଳଗୁଡ଼ିକ ଅବଲମ୍ବନ କରିବା ଦରକାର।

## ଆବଶ୍ୟକ ଉପାଦାନ:

୧) ସବୁଜ ଗୃହ।

୨) ସ୍ୱଳ୍ପ ମୂଲ୍ୟର ଜରିଘର।

୩) ଏଚ୍.ଡି.ପି.ଇ ପଲିମଲ୍ଚ ବା ଆଚ୍ଛାଦନ।

## ଜଳ ସଂରକ୍ଷଣ ଓ ଜଳ ବିସ୍ଥାପନ ବ୍ୟବସ୍ଥା:

୧) ଜଳର ଆବଶ୍ୟକତାକୁ ପୂରଣ କରିବା ପାଇଁ ଦଳଗତ ଜଳ ସଂରକ୍ଷଣ ଟାଙ୍କିର ନିର୍ମାଣ କରିବା ଦରକାର।

୨) ବିଭିନ୍ନ ସରକାରୀ ଯୋଜନା ତଥା ଆମ ଗାଁ ପୋଖରୀ; ମୋ ପୋଖରୀଗୁଡ଼ିକ ଆପଣାଇ ଅଦିନିଆ ଫୁଲକୋବି ଚାଷ କରାଯାଇପାରିବ।

୩) ପଲିଲାଇନିଙ୍ଗ୍, ମୋଟା ପ୍ଲାଷ୍ଟିକ୍ ଚଦର ବିଛାଇ ଶୁଖିଯାଉଥିବା ପୋଖରୀଗୁଡ଼ିକର ଜଳ ସଂରକ୍ଷଣ କରାଯାଇପାରିବ।

## ଅଦିନିଆ ପନିପରିବା ଚାଷର ଆବଶ୍ୟକତା:

୧. ଏକ ବିଶିଷ୍ଟ ଓ ସୀମିତ ଚାଷ ଜମିରେ ବର୍ଷର ବିଭିନ୍ନ ଋତୁରେ ଚାଷ କରି ଉତ୍ପାଦନ ଓ ଉତ୍ପାଦକତାକୁ ବୃଦ୍ଧି କରିବା।

୨. ସୁରକ୍ଷିତ କୃଷି ପଦ୍ଧତି ଓ ଗୃହରେ ଅଦିନିଆ ଫୁଲକୋବି ଚାଷ ଦ୍ୱାରା ରୋଗ ପୋକ ହେବାର ସମସ୍ୟାକୁ ଦୂର କରାଯାଇପାରିବ।

୩. ଫସଲ ଶୀଘ୍ର ଅମଳ ହେବା ସହିତ ବଜାର ଦର ସମୟରେ ଅଧିକ ଅର୍ଥ ଉପାର୍ଜନ ହୋଇପାରିବ।



୪. ଋତୁ ଅନୁସାରେ କୃଷି ପଦ୍ଧତି ଓ କିସମ ଚୟନ କରି ଚାଷ ପଦ୍ଧତିରେ ବୈଜ୍ଞାନିକ ଜ୍ଞାନ କୌଶଳର ବ୍ୟବହାର କରାଯାଇପାରିବ ଓ ଅଧିକ ଲାଭ ହୋଇପାରିବ।

୫. ନୂତନ ବୈଜ୍ଞାନିକ କୌଶଳ ଦ୍ୱାରା ଅଦିନିଆ ଫୁଲକୋବି ଚାଷ ଦ୍ୱାରା ସାମାଜିକ ମାନ୍ୟତା ମିଳିପାରିବ।



## ଫୁଲକୋବି ଚାଷ କରିବା ସମୟ:

ଫୁଲକୋବି ସାଧାରଣତଃ କୃଷକମାନେ ଶୀତ ଦିନରେ ଚାଷ କରିଥାନ୍ତି। ଅଦିନିଆ ଫୁଲକୋବି ବିଳମ୍ବ ବର୍ଷା ଋତୁ ଏବଂ ଖରା ଋତୁର ଆରମ୍ଭରେ ଚାଷ କରାଯାଇପାରିବ।

## ଉପଯୁକ୍ତ ସ୍ଥାନ:

ବର୍ଷା ଦିନେ ଢିପ ନିଗିଡ଼ା ଦୋରସା, ବାଲିଆ ଦୋରସା, ଅଧିକ ଜୈବିକ ଅଂଶ ଥିବା ମୃତ୍ତିକା ଉପଯୁକ୍ତ। ଖରାଦିନେ ସବୁଜ ଗୃହରେ ଜଳର ଉପଲବ୍ଧ ଥିଲେ ମଧ ଫୁଲକୋବି ଚାଷ କରାଯାଇପାରିବ।

## ଲଗାଇବା ସମୟ:

ବର୍ଷା ଦିନ : ଅଗଷ୍ଟ-ସେପ୍ଟେମ୍ବର

ଶୀତ ଦିନ : ଅକ୍ଟୋବର-ନଭେମ୍ବର

ଖରା ଦିନ : ଫେବୃଆରୀ-ମାର୍ଚ୍ଚ



## ଫୁଲକୋବିର କିସମ:

ଅର୍ଲି କୁଆଁରି, ଏନ୍.ଏସ୍-୯୦, ସୁପର ହ୍ୱାଇଟ୍, ହ୍ୱାଇଟ୍ ସଟ୍, ହିମାନି, କଟକି, ସ୍ନୋ ବଲ, ଇଣ୍ଡିଆନ୍ ଅର୍ଲି, ଇମ୍ପୃଭ୍ ଜାପାନିଜ୍, ପୁସା ଦିପାଲି, ପୁଷା ସିନ୍ଥେଟିକ୍, ମେଘା, ବରଖା, ଦିଶା ଆଦି କିସମ ଚାଷ କଲେ ଭଲ ଅମଳ ଓ ଆୟ ମିଳିଥାଏ।


ସଅଳ କିସମ


ମଧ୍ୟମ କିସମ


ସ୍ୱଳ୍ପ ବିଳମ୍ବ କିସମ


ବିଳମ୍ବ କିସମ


ମଧ୍ୟମ କିସମ


ବିଳମ୍ବ କିସମ


ବିଳମ୍ବ କିସମ

## ଚାରା ପ୍ରସ୍ତୁତି ପ୍ରଣାଳୀ:

ସଅଳ କିସମ ଚାଷ ନିମନ୍ତେ ହେକ୍ଟର ପିଛା ୬୦୦-୭୦୦ଗ୍ରାମ୍ ଏବଂ ମଧ୍ୟମ ଓ ବିଳମ୍ବ କସିମ ପାଇଁ ୪୦୦-୫୦୦ ଗ୍ରାମ୍ ବିହନ ଆବଶ୍ୟକ। ୧ମିଟର ଚଉଡ଼ା ଓ ୧୫ ସେ.ମି. ଉଚ୍ଚତାରେ ୧୦ କିଗ୍ରା ଖତ ଗୁଣ୍ଡ ଦେଇ ନର୍ସରୀ ଶଯ୍ୟା ପ୍ରସ୍ତୁତ କରନ୍ତୁ। ବିଶୋଧିତ ବିହନକୁ ୮-୧୦ ସେମି ଚଉଡ଼ା ଓ ୨ ସେ.ମି. ଗଭୀର ଧାଡ଼ିରେ ବାଲି ମିଶାଇ ପକାନ୍ତୁ। ଆବଶ୍ୟକତା ଅନୁଯାୟୀ ଶଯ୍ୟା ଜଳସେଚିତ ହେବା ଉଚିତ୍। ୩ରୁ ୬ ସପ୍ତାହ ମଧ୍ୟରେ (କିସମ ଅନୁଯାୟୀ) ଚାରା ପ୍ରତିରୋପଣ ପାଇଁ ପ୍ରସ୍ତୁତ ହୋଇଥାଏ।

